## ଆଜି କ'ଣ କେଉଁଠି

**ଢେଙ୍କାନାଳ**

- ସାମର୍ଥ୍ୟ କାର୍ଯ୍ୟକ୍ରମ ଶୁଭାରମ୍ଭ, **ସ୍ଥାନ:** ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷ, **ସମୟ:** ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଗଣଧାରଣା, **ସ୍ଥାନ:** ତହସିଲ କାର୍ଯ୍ୟାଳୟ, **ସମୟ:** ସାଢ଼େ ୧୦ଟା।

**ଛେଣ୍ଡିପଦା**

- ଶ୍ରୀମଦ୍ ଭାଗବତ ପାରାୟଣ ସପ୍ତାହ, **ସ୍ଥାନ:** ବାଗଡ଼ିଆ ହାଇସ୍କୁଲ ପଡ଼ିଆ, **ସମୟ:** ସନ୍ଧ୍ୟା ୫ଟା।
- ମା' ବାୟାଣୀଙ୍କ ବାର୍ଷିକ ପୂଜା , **ସ୍ଥାନ:** ସରପାଲ (ବାଗଡ଼ିଆ), **ସମୟ:** ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ଗଛରେ ପିଟି ହେଲା ବାଇକ୍, ଛାତ୍ର ମୃତ

**ଢେଙ୍କାନାଳ ଅଫିସ, ୮।୧୧:** ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଲାଉଲଇ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ଜିତେନ୍ଦ୍ର ସାହୁ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏଥିରେ ଦୀପୁ ସାହୁ (୨୦) ଗୁରୁତର ହୋଇ କଟକରେ ଚିକିତ୍ସିତ ହେଉଛନ୍ତି। ବୁଧବାର ଅପରାହ୍ନ ୧ଟାରେ ଉଭୟେ ଖଙ୍କିରା-ଲାଉଲଇ ରାସ୍ତାରେ ଆସୁଥିବାବେଳେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଆମ୍ବ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ଜିତେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

### ବାଇକ୍ ଧକ୍କାରେ ଜୀବନ ଗଲା

**ରାସୋଲ, ୮।୧୧(ଡି.ଏନ୍.ଏ.):** ରାସୋଳ ଥାନା ଖଣ୍ଡତିରି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବୁଧବାର ଅପରାହ୍ନରେ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଗବାନ ସାହୁ (୫୫)। ସେ ବିଲରୁ କାମସାରି ଫେରିବାବେଳକୁ ବିପରୀତ ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ (ଓଡ଼ି ୧୯ଇ ୫୦୦୨ ) ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଦୁର୍ଘଟଣାପରେ ଘଟଣାସ୍ଥଳରେ ସାମୟିକ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାର କ୍ଷତିପୂରଣ ଦାବି କରି ହୋହଲ୍ଲା କରିଥିଲେ। ଦୁର୍ଘଟଣା ଘଟାଇଥିବା ୩ ବାଇକ୍ ଆରୋହୀଙ୍କୁ ପୋଲିସ ଅଟକ ରଖିଥିଲା। ଆପୋସ ବୁଝାମଣା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ମରଣାନ୍ତକ ଆକ୍ରମଣ, ୨ ଗିରଫ

**ରାସୋଲ, ୮।୧୧(ଡି.ଏନ.ଏ.):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରାସୋଳ ଥାନା କୁନୁଆ ଗ୍ରାମରେ ମଙ୍ଗଳବାର ଗଣ୍ଡଗୋଳ ଘଟିଥିଲା। ଏଥିରେ ନାରଣ ସାମଲ ଏବଂ ତାଙ୍କ ପୁଅ ଅଙ୍କିତ ଗୁରୁତର ହୋଇଛନ୍ତି। ନାରଣଙ୍କ ବୋହୂ ସଙ୍ଗୀତା ସାମଲଙ୍କ ଅଭିଯୋଗକ୍ରମେ ପୋଲିସ ଅଜୟ ସାମଲ ଏବଂ ଗୌତମ ସାମଲଙ୍କୁ ଗିରଫ କରିଛି। ଏ ନେଇ ନଂ. ୧୦୨/୧୮ରେ ମାମଲା ରୁଜୁ କରାଯାଇଛି।

### ପୃଥକ୍ ଦୁର୍ଘଟଣା, ୨ ଗୁରୁତର

**ପରଜଙ୍ଗ, ୮।୧୧(ଡି.ଏନ.ଏ.):** ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧୀନ ଡିହଡୋଳ-ମହାବିରୋଡ଼ ପୂର୍ତ୍ତ ବିଭାଗ ରାସ୍ତାର କୁଟୁରିଆ ଛକରେ ଗୁରୁବାର ମଧ୍ୟାହ୍ନରେ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ବାଇକ୍‌ରୁ ଖସିପଡ଼ିବାରୁ ଗଡ଼ପଳାଶୁଣୀ ଗ୍ରାମର ବାବୁଲି ପରିଡ଼ା ଗୁରୁତର ହୋଇଛନ୍ତି। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି ୫୩ନଂ. ଜାତୀୟ ରାଜପଥର ପିତିରି ମଙ୍ଗଳା ମନ୍ଦିର ସମ୍ମୁଖରେ ଗାଈ ସହିତ ଧକ୍କା ହେବାରୁ କାମାକ୍ଷାନଗର ଥାନା କଙ୍ଗେଇଲ ଗ୍ରାମର ମାନସ ବେହେରା ଗୁରୁତର ହୋଇଛନ୍ତି। ସେ ତାଳଚେରରୁ ଘରକୁ ଫେରୁଥିଲେ। ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ଶିକ୍ଷାବିତ୍‌ଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୮।୧୧:** ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମନାଭ ମହାପାତ୍ରଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ସୋମବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ବର୍ଷ ବୟସ ହୋଇଥିଲା। ସେ ୧୮ବର୍ଷ ଧରି ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ନେଇଥିଲେ। ଅପରାହ୍ନରେ ମରଶରୀର ସ୍କୁଲ ପରିସରକୁ ଅଣାଯାଇଥିଲା। ସେଠାରେ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ର ଅନ୍ତିମ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ମୃଦଦେହ ଭାଗୀରଥି ବିହାରସ୍ଥିତ ବାସଭବନକୁ ନିଆଯାଇଥିଲା। କୁଞ୍ଜକାନ୍ତସ୍ଥିତ ଶ୍ମଶାନଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ମୃତ୍ୟୁରେ ଶିକ୍ଷକ ସଂଘ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି।

■ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ

# ୩୧ ବଖରା ପାଉଁଶ

**ଭୁବନ, ୮।୧୧(ଡି.ଏନ.ଏ.)**



ଢେଙ୍କାନାଳ ଜିଲା ଭୁବନ ବ୍ଲକ ଦିଘି ପଞ୍ଚାୟତ କେନ୍ଦୁଡ଼ିପି ଏବଂ ବାଲିବୋ ପଞ୍ଚାୟତ ବାଉଁଶକଣ ଗ୍ରାମରେ ଗୁରୁବାର ଭୋର୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଉଭୟ ସ୍ଥାନରେ ୩୧ ବଖରା ଛାରଖାର ହୋଇଯାଇଛି।

କେନ୍ଦୁଡ଼ିପିରେ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୨୦ ପରିବାର ସର୍ବସ୍ୱାନ୍ତ ହୋଇଥିବାବେଳେ ୨୮ ବଖରା ପାଉଁଶ ହୋଇଯାଇଛି। ଘରେ ମହଜୁଦ ଥିବା ଧାନ, ଚାଉଳ, ସୁନା ଅଳଙ୍କାର, ନଗଦ ଟଙ୍କା ଜଳିଯାଇଛି। ସାହିବାସୀ ଶୋଇଥିବା ବେଳେ ହଠାତ୍ ନିଆଁ ଲାଗି ଚତୁର୍ଦ୍ଦିଗକୁ ବ୍ୟାପି ଯାଇଥିଲେ। ହେଲେ ସୌଭାଗ୍ୟବଶତଃ ସମସ୍ତେ ସୁରକ୍ଷିତ ଅଛନ୍ତି। କାମାକ୍ଷାନଗର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ସବୁକିଛି ଧ୍ୱଂସ ହୋଇଯାଇଥିଲା।

ଅଗ୍ନିକାଣ୍ଡରେ ରଞ୍ଜନ ହାତୀ, କରୁଣାକର ସ୍ୱାଇଁ, କୁଳମଣି ସ୍ୱାଇଁ, ମାଧବ ସ୍ୱାଇଁ, ଅଶୋକ ପରିଡ଼ା, କନକ ହାତୀ, ସଦାନନ୍ଦ ପରିଡ଼ା, ରିଙ୍କି ପରିଡ଼ାଙ୍କ ୨ ବଖରା ଲେଖାଏଁ ଏବଂ ଫୁଲ ସ୍ୱାଇଁ, କାହ୍ନୁଚରଣ ସ୍ୱାଇଁ, ପ୍ରତିମା ସ୍ୱାଇଁ, ଅନନ୍ତ ପରିଡ଼ା, ବିନୋଦ ପରିଡ଼ା, ବିପିନ ପରିଡ଼ା, ନୃସିଂହ ନାୟକ, ସୁରେଶ ନାୟକ, ଅଭିମନ୍ୟୁ ନାୟକ, ଉଚ୍ଛବ ହାତୀ, ଚିତ୍ରକଳା ହାତୀ, ଦମୟନ୍ତୀ ପରିଡ଼ାଙ୍କ ବଖରାଏ ଲେଖାଏଁ ଜଳିଯାଇଛି। ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ସୁଧାଂଶୁ ମହାନ୍ତି କର୍ମଚାରୀଙ୍କ ସହ ପହଞ୍ଚି ବିପନ୍ନ ପରିବାରଙ୍କୁ ସମବେଦନା ଜଣାଇବା ସହ ପଲିଥିନ ଯୋଗାଇ ଦେଇଛନ୍ତି। ସେହିପରି ସରପଞ୍ଚ ସିଲାରାଣୀ ସାହୁ, ସମିତିସଭ୍ୟ ସର୍ବେଶ୍ୱର ରାଉତ ରନ୍ଧାଖାଦ୍ୟ ବ୍ୟବସ୍ଥା କରିଛନ୍ତି। ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶତ୍ରୁଘ୍ନ ଜେନା କ୍ଷତିଗ୍ରସ୍ତଙ୍କ ଅବସ୍ଥା ପଚାରି ବୁଝିବା ସହ ସରକାରୀ ସହାୟତା ଦେବାକୁ ଦାବି କରିଛନ୍ତି।

ସେହିପରି ବାଉଁଶକଣ ଗ୍ରାମରେ ଅନୁରୂପ ଘଟଣାରେ ହୃଷୀକେଶ ତ୍ରିପାଠୀଙ୍କ ୩ବଖରା ଜଳିଯାଇଛି। ଭୁବନ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

**ଢେଙ୍କାନାଳ ଅଫିସ, ୮।୧୧**

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଟୋଲରପଶି ଗ୍ରାମରେ ବୁଧବାର ରାତି ପ୍ରାୟ ୧୦ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବରିଷ୍ଠ ଖବରଦାତା ତାରାକାନ୍ତ ନାୟକ ଓ ଗୋବର୍ଦ୍ଧନ ନାୟକଙ୍କ ୫ବଖରା ଜଳିଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଅତିରିକ୍ତ ତହସିଲଦାର ସୁଶାନ୍ତ ମିଶ୍ର ଘଟଣାସ୍ଥଳ ପରିଦର୍ଶନ କରିବାସହ କ୍ଷୟକ୍ଷତି ଆକଳନ କରିଛନ୍ତି।




■ ୧୦ରୁ ସପ୍ତଶଯ୍ୟା ମହୋତ୍ସବ

# ଇଲିଆନା ପାଇବେ ସପ୍ତଶଯ୍ୟା ସମ୍ମାନ

**ଢେଙ୍କାନାଳ ଅଫିସ, ୮।୧୧**

ଢେଙ୍କାନାଳ ଦେବାଂଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୧୦ ତାରିଖରୁ ସ୍ଥାନୀୟ ମିନି ଷ୍ଟାଡିୟମରେ ଦୁଇଦିନ ଧରି ଅନୁଷ୍ଠିତ ହେବ ସପ୍ତଶଯ୍ୟା ମହୋତ୍ସବ–୨୦୧୮। ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଇଲିଆନା ଚିତାରିସ୍ତିଙ୍କୁ ଚଳିତବର୍ଷ ସପ୍ତଶଯ୍ୟା ସମ୍ମାନ ପ୍ରଦାନ କରାଯିବ। ସେହିପରି ଜୀବନବ୍ୟାପୀ ସାଧନା ପାଇଁ ସମ୍ବର୍ଦ୍ଧିତ ହେବେ ପଦ୍ମଭୂଷଣ ଡ. ରଘୁନାଥ ମହାପାତ୍ର। କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ, ଗୀତା ଦାସ, ସଙ୍ଗୀତା ଗୋସ୍ୱାମୀ, ଆଦ୍ୟାଶା ଦାସ, ଓଡ଼ିଶୀ ନୃତ୍ୟଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ, ଗାୟତ୍ରୀ ଚାନ୍ଦ, ଅଭିନେତ୍ରୀ ନମ୍ରତା ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯିବ।

ସେହିପରି ମାହାରୀ ନୃତ୍ୟ ଅନୁଷ୍ଠାନ 'ସମ୍ପଦା', ଗୋଟିପୁଅ ଡ୍ୟାନ୍ସ ଏକାଡେମୀ 'ଆରାଧନା', ସାମାଜିକ କର୍ମୀ ସାଧନା ମିଶ୍ର, ମାଧୁରୀ ମା', ଅସ୍ମିତା ଟୁଡୁ, ଅଭିନେତା ସୋମେଶ ମହାନ୍ତି, ଅଭିନେତ୍ରୀ ମଧୁସ୍ମିତା ପ୍ରଧାନ, ମଞ୍ଚ ଅଭିନେତା ବସନ୍ତ ସାମଲ, ନୃତ୍ୟଶିଳ୍ପୀ ଶୁଚିସ୍ମିତା ମିଶ୍ର, କଣ୍ଠଶିଳ୍ପୀ ଶକ୍ତି ମିଶ୍ର, ବଂଶୀବାଦକ ପ୍ରେମଶଙ୍କର ଦାସ, ଦୁଃସାହସିକ କ୍ରୀଡ଼ାବିତ୍ କଳ୍ପନା ଦାଶ ପ୍ରମୁଖ ସମ୍ବର୍ଦ୍ଧିତ ହେବା କାର୍ଯ୍ୟକ୍ରମ ରହିଛି।

ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବାଂଶୀ ଡ୍ୟାନ୍ସ ଏକାଡେମୀର ଗୁରୁ ଗୌରୀଶଙ୍କର ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ଦୀପ୍ତିବାଳା ମିଶ୍ର, ଶାନ୍ତି ମିଶ୍ର ଉପସ୍ଥିତ ଥିଲେ।

■ ଜମାକାରୀଙ୍କ ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ

# ଡାକ କର୍ମଚାରୀ ଅଟକ

**ଭୁବନ, ୮।୧୧(ଡି.ଏନ.ଏ.)**



ଜମାକାରୀଙ୍କ ଲକ୍ଷାଧିକ ଟଙ୍କା ହଡ଼ପ କରି ଫସିଛନ୍ତି ଢେଙ୍କାନାଳ ଜିଲା ଭୁବନ ବ୍ଲକ ବାଲିବୋ ପଞ୍ଚାୟତ ଅନନ୍ତପୁର ଗ୍ରାମର ଡାକ କର୍ମଚାରୀ ବିଜୟ କୁମାର ଦେହୁରୀ। ଏହି ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ବିଜୟ ୪ବର୍ଷ ହେଲା ଅନନ୍ତପୁର ଶାଖା ଡାକଘରେ କାର୍ଯ୍ୟ କରୁଛନ୍ତି। ଜମାକାରୀମାନେ ସୁକନ୍ୟା ଯୋଜନା, ନଗଦ ଅର୍ଥ ଜମା କରି ଯିବା ପରେ ସେ କେବଳ ଖାତାରେ ଲେଖି ଦେଉଥିଲେ। କାଗଜ କଲମରେ ଟଙ୍କା ସଞ୍ଚୟ ହୋଇଥିବା ଦର୍ଶାଇ ସେ ଅର୍ଥ ଆତ୍ମସାତ୍ କରି ଚାଲିଥିଲେ। ସୋମବାର ଅନନ୍ତପୁର ଗ୍ରାମର ଜଣେ ବ୍ୟକ୍ତି ନିଜ ଜମାଖାତା ଅପ୍‌ଡେଟ୍ କରିବା ସହିତ ଟଙ୍କା ଉଠାଇବାକୁ ଆସିଥିଲେ। ହେଲେ ଖାତାରେ ଟଙ୍କା ମହଜୁଦ ନ ଥିବା ଜାଣିବା ପରେ ତାଙ୍କର ସନ୍ଦେହ ହୋଇଥିଲା। ଖୋଳତାଡ଼ କରିବା ପରେ ପଦାକୁ ଆସିଥିଲା ବଡ଼ ଧରଣର ଠକେଇ। ଏହି ଘଟଣା ପ୍ରଘଟ ହେବା ପରେ ଶତାଧିକ ଜମାକାରୀଙ୍କ ଡାକଘରକୁ ଧାଡ଼ି ଛୁଟୁଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଏପରି ଠକେଇର ଶିକାର ହୋଇଥିବା ଜଣାପଡ଼ିଛି। ଗୁରୁବାର ଉତ୍ତ୍ୟକ୍ତ ଜମାକାରୀମାନେ ବିଜୟଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଅନ୍ୟପଟେ ଜିଲା ମୁଖ୍ୟ କାର୍ଯ୍ୟାଳୟର ନିରୀକ୍ଷକ ମନ୍ଦିର ବେହେରା, ତାଳଚେର ପୋଷ୍ଟାଲ ନିରୀକ୍ଷକ ରାଜେଶ ଜ୍ୟୋତିଷଙ୍କ ଉପସ୍ଥିତିରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ତେବେ ସର୍ବମୋଟ କେତେ ଟଙ୍କା ହଡ଼ପ ହୋଇଛି ତାହା ଜଣାପଡ଼ିନାହିଁ।

ଏ ସଂକ୍ରାନ୍ତରେ ପୋଷ୍ଟମାଷ୍ଟର ଦାୟିତ୍ୱରେ ଥିବା ନିରଞ୍ଜନ ସାହୁ କୁହନ୍ତି, ୫ ତାରିଖରେ ଅନନ୍ତପୁର ଗ୍ରାମର ଜଣେ ଲୋକ ଜମାଖାତା ଅପ୍‌ଡେଟ୍ କରିବାକୁ ଆସିଥିବାବେଳେ ୧୪ ହଜାର ଟଙ୍କା କମ୍ ଥିବା ଦେଖି ସନ୍ଦେହ ଉପୁଜିଥିଲା। ଏ ସଂକ୍ରାନ୍ତରେ ଜିଲା କାର୍ଯ୍ୟାଳୟକୁ ଅବଗତ କରାଯିବାପରେ ଅଧିକାରୀମାନେ ତଦନ୍ତ ଆରମ୍ଭ କରିଛନ୍ତି। ଥାନା ଏଏସ୍‌ଆଇ ଲକ୍ଷ୍ମୀଧର ରଣା କୁହନ୍ତି, ଅଭିଯୁକ୍ତଙ୍କୁ କାବୁ କରି ଲୋକେ ପୋଲିସ ଜିମା ଦେଇଛନ୍ତି। ତାଙ୍କୁ ଅଟକ ରଖାଯାଇଛି। ବିଭାଗୀୟ ଅଧିକାରୀମାନେ ତଦନ୍ତ ଜାରି ରଖିଛନ୍ତି। ରିପୋର୍ଟ ଦେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ଇମ୍ପାର ଷଷ୍ଠ ସମ୍ଭାବୀ ପୁରସ୍କାର

**ଅନୁଗୋଳ ଅଫିସ, ୮।୧୧**

ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ଗୋଷ୍ଠୀଙ୍କୁ ପ୍ରୋତ୍ସାହିତ କରିବାକୁ ପ୍ରତିବର୍ଷ ଇମ୍ପା ତରଫରୁ ସମ୍ଭାବୀ ପୁରସ୍କାର ପ୍ରଦାନ କରାଯାଉଛି। ୨୦୧୩ରୁ ଆରମ୍ଭ ହୋଇଥିବା ଏହ ପୁରସ୍କାର ନିମନ୍ତେ ବଂଶୀଧର ପଣ୍ଡା ଓ ଇଲା ପଣ୍ଡା ଫାଉଣ୍ଡେଶନ ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଶିକ୍ଷା, ସ୍ୱାସ୍ଥ୍ୟ, ଜଳ, ପରିମଳ, ଜୀବିକା, ନାରୀ ସଶକ୍ତୀକରଣ ଏବଂ ଏ କ୍ଷେତ୍ରରେ ଓକିଲାତି କରୁଥିବା ବ୍ୟକ୍ତିଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନିରାପତ୍ତା ଦେବା ଏହି ପୁରସ୍କାରର ମୂଳଉଦ୍ଦେଶ୍ୟ। ଏହି ପୁରସ୍କାର ପାଇଁ ଆବେଦନ କରିବାକୁ ଇଚ୍ଛୁକ ପ୍ରାର୍ଥୀ ନିଜ କ୍ଷେତ୍ରରେ ତୃଣମୂଳସ୍ତରରେ ଅତି କମ୍‌ରେ ୫ବର୍ଷ କାର୍ଯ୍ୟ କରିଥିବେ। ଆବେଦନକାରୀଙ୍କ ବୟସ ୭୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ସବିଶେଷ ବିବରଣୀ www.bipf.org.inରେ ମିଳିପାରିବ। ଆବେଦନକରୀଙ୍କ ଦରଖାସ୍ତ ୱେବସାଇଟ୍‌ରେ ପ୍ରଦତ୍ତ ଠିକଣାରେ ଡିସେମ୍ବର ୫ ପୂର୍ବରୁ ପହଞ୍ଚିବା ଆବଶ୍ୟକ ବୋଲି ସୂଚନା ଦିଆଯାଇଛି।

# ୨୦ ହିତାଧିକାରୀଙ୍କୁ ମିଳିଲା ଉଜ୍ଜ୍ୱଳା ଗ୍ୟାସ



ରନ୍ଧନ ଗ୍ୟାସ ବଣ୍ଟନ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କ ସମେତ ଅନ୍ୟମାନେ।

**ଭୁବନ, ୮।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ମହୁଲପାଳ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ମହାବୀର ଗ୍ୟାସ୍ ଏଜେନ୍ସି ପକ୍ଷରୁ ୨୦ ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ସଂଯୋଗ ଦିଆଯାଇଛି।

ବିତରକ ସାଗରିକା ମିଶ୍ରଙ୍କ ତତ୍ତ୍ୱାବଧାନରେ ସରପଞ୍ଚ ମମତା ସାହୁ, ସମିତିସଭ୍ୟ ଶତ୍ରୁଘ୍ନ ଜେନା, ବେଣୁଧର ପ୍ରଧାନ, ଅଙ୍ଗନୱାଡ଼ି କର୍ମୀ କ୍ଷଣପ୍ରଭା ସେଠୀ, ସାମାଜିକ କର୍ମୀ ଗଣେଶ୍ୱର ସାହୁ, ବିଷ୍ଣୁ ପ୍ରସାଦ ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ମନୋରଞ୍ଜନ ପତି, କର୍ମଚାରୀ ବିଦ୍ୟାଧର ସାହୁ, ସିତାଂଶୁ ଦାସ, ବିନୋଦ ପଟ୍ଟନାୟକ ପ୍ରମୁଖ ଗ୍ୟାସ ବ୍ୟବହାର ନିୟମାବଳୀ ସମ୍ପର୍କରେ ଉପଭୋକ୍ତାଙ୍କୁ ବୁଝାଇଥିଲେ। ରଞ୍ଜନ ରାଉତ, ନିର୍ମଳ ସେଠୀ, ଏସ୍‌ଏଚ୍‌ଜି କର୍ମକର୍ତ୍ତା ସହଯୋଗ କରିଥିଲେ।

# କୃଷକ ମୋର୍ଚ୍ଚାର ବାଇକ୍ ରାଲି

**ଭୁବନ/କାମାକ୍ଷାନଗର, ୮।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ବାଜି ରାଉତ କଲ୍ୟାଣ ମଣ୍ଡପରେ ଭାଜପା କୃଷକ ମୋର୍ଚ୍ଚାର ଏକ ସାଧାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ପ୍ରଭାରୀ ଡା. ରାକେଶ ଶର୍ମା ଯୋଗଦେଇ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିବାସହ କେନ୍ଦ୍ର ସରକାରଙ୍କ ୧୨୦ ମିଶନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ କୃଷି ମାରଣନୀତିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଏହି ଅବସରରେ କର୍ମକର୍ତ୍ତାମାନେ କାଳୀ ବଜାରସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଲୋକସଭା ପ୍ରଭାରୀ ଇଂ. ଦେବାଶିଷ ହୋତାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବାଇକ୍ ରାଲିରେ କାମାକ୍ଷାନଗର ଯାଇଥିଲେ।

କାମାକ୍ଷାନଗରର ମହିମା ଟୁଙ୍ଗୀରୁ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଚାଷୀ ଓ ଚାଷ ସମସ୍ୟା ନେଇ ପ୍ରତିବାଦ କରାଯାଇଥିଲା। ବିକ୍ଷୋଭରେ ବହୁ ସ୍ଥାନୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ।


ଭୁବନରେ ଆୟୋଜିତ ଭାଜପା ଯୁବମୋର୍ଚ୍ଚାର ବାଇକ୍ ର୍‍ୟାଲି।

■ ପ୍ରସ୍ତାବିତ ବିୟର ବଟଲିଂ ପ୍ଲାଣ୍ଟକୁ ପୁଣି ବିରୋଧ

# 'ଜଙ୍ଗଲ ଜମିରୁ ଇଞ୍ଚେ ଛାଡ଼ିବୁନି'

**ଓଡ଼ାପଡ଼ା, ୮।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଳରାମପୁରରେ ପ୍ରସ୍ତାବିତ ବିୟର ବଟଲିଂ ପ୍ଲାଣ୍ଟକୁ ବିରୋଧ କରି ଗୁରୁବାର ଅଞ୍ଚଳବାସୀ ପ୍ରତିବାଦ ସଭା କରିଛନ୍ତି। ମରିବୁ ପଛେ ଇଞ୍ଚେ ଜଙ୍ଗଲ ଜମି ଛାଡ଼ିବୁନି ବୋଲି ଗ୍ରାମବାସୀ ଚେତାବନୀ ଦେବାସହ ଠେଙ୍ଗାବାଡି ଧରି ଜଗି ରହିଥିଲେ। ଆଞ୍ଚଳିକ ସୁରକ୍ଷା କମିଟି ସଭାପତି ଅମ୍ବିକା ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା, ଉପସଭାପତି ରମେଶ ଚନ୍ଦ୍ର ସାମଲ, ମଣ୍ଡଳ ସଭାପତି ପ୍ରଶାନ୍ତ ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇଥିଲେ।

ସମ୍ପୃକ୍ତ ଅଞ୍ଚଳବାସୀ ଜଳକଷ୍ଟରେ ଶଡୁଛନ୍ତି। ଏପରିସ୍ଥିତିରେ କମ୍ପାନୀକୁ ୧ ଲକ୍ଷ ଲିଟର ପାଣି କିପରି ଦିଆଯିବ ସେ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି।


ବଳରାମପୁରରେ ପ୍ରସ୍ତାବିତ ବିୟର ବଟଲିଂ ପ୍ଲାଣ୍ଟକୁ ବିରୋଧ କରି ଆୟୋଜିତ ପ୍ରତିବାଦ ସଭା।

ଜଙ୍ଗଲରେ ୧୧୬ ପ୍ରଜାତିର ଔଷଧୀୟ ବୃକ୍ଷରାଜି ଅଛି। ପ୍ଲାଣ୍ଟର ପ୍ରତିକୂଳ ପ୍ରଭାବ ଜଙ୍ଗଲ ପରିବେଶ ଉପରେ ପଡ଼ିବ ବୋଲି ପ୍ରାକ୍ତନ ରାଜ୍ୟସଭା ସଦସ୍ୟ ଚେତାବନୀ ଦେଇଛନ୍ତି। ମଦ ପ୍ଲାଣ୍ଟକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଥିବାବେଳେ ଏହା ଆଗାମୀ ଦିନରେ ବଡ଼ ଧରଣର ଅନ୍ଦୋଳନର ରୂପ ନେବ ବୋଲି ଆଶଙ୍କା ଦେଖାଦେଇଛି। ସୂଚନାଯୋଗ୍ୟ, ବାର୍ଷିକ ୩ କୋଟି ୬୦ଲକ୍ଷ ବିୟର ବୋତଲ ଉତ୍ପାଦନ କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟ ଶିଳାନ୍ୟାସ ଶନିବାର ଶେଷ ହୋଇଛି। ହେଲେ ଏହାକୁ ବିରୋଧ କରୁଛନ୍ତି ସ୍ଥାନୀୟ ବାସିନ୍ଦା। ଅନ୍ୟପଟେ ବିୟର ପ୍ଲାଣ୍ଟ ନିର୍ମାଣ ହେବାକୁ ଥିବା ଜାଗା ଜଙ୍ଗଲ ଜମି ନୁହେଁ ବୋଲି ଜିଲାପାଳ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି।

## ସଂକ୍ଷେପରେ

### ଟ୍ରେନ୍ ପୂଜା କଲେ ଗ୍ରାମବାସୀ



**ବଇଣ୍ଡା,୮।୧୧(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡା ରେଲଷ୍ଟେଶନ ପରିସରରେ ବୁଧବାର କାଳୀପୂଜା ଅବସରରେ ନୂଆପାଟଣା ସାହି ଓ ବଇଣ୍ଡା ଟ୍ରେନ ଫେରିବାଲା ବ୍ୟବସାୟୀ ସଂଘ ପକ୍ଷରୁ ଟ୍ରେନ ପୂଜା କରାଯାଇଛି। ସକାଳେ ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନକୁ ଫୁଲମାଳ ଦେବାସହ ହୋମଯଜ୍ଞ କରି ପୂଜାର୍ଚ୍ଚନା କରିଥିଲେ। ଏଥିରେ ସାହିବାସୀ ସହଯୋଗ କରିବାସହ ଯାତ୍ରୀମାନଙ୍କୁ ପ୍ରସାଦ ବଣ୍ଟନ କରିଥିଲେ।

### ଟ୍ରକ୍ ଧକ୍କାରେ ଭାଙ୍ଗିଲା ଟ୍ରାଫିକ୍‌ପୋଷ୍ଟ

**ବଅଁରପାଳ,୮।୧୧ (ଡି.ଏନ୍.ଏ):** ୫୫ ନମ୍ବର ଜାତୀୟ ରାଜପଥର ବଅଁରପାଳ ଥାନା ଛକ ଠାରେ ଥିବା ଟ୍ରାଫିକ୍‌ପୋଷ୍ଟ ଏକ ଟ୍ରକ୍ ଧକ୍କାରେ ଭାଙ୍ଗିଯାଇଛି। ବୁଧବାର ରାତିରେ କଟକରୁ ଅନୁଗୋଳ ଆଡ଼କୁ ଆସୁଥିବା ଏକ ତେଲ ଟ୍ରକ ଏହି ଟ୍ରାଫିକ୍ ପୋଷ୍ଟକୁ ଧକ୍କା ଦେଇଥିଲା। ଏଥିରେ କେହି ମୃତାହତ ହୋଇନାହାନ୍ତି। ଚାଳକ ଜଣକ ଟ୍ରକ୍‌କୁ ନେଇ ଦ୍ରୁତଗତିରେ ପଳାଉଥିବାବେଳେ ସ୍ଥାନୀୟ ଲୋକେ ଓ ପୋଲିସ ଗାଡ଼ିକୁ ଅଟକାଇ ଥିଲେ। ଚାଳକ ଜଣକ ମଦ୍ୟପାନ କରି ଗାଡି ଚଳାଉଥିବା ଅଭିଯୋଗ ହୋଇଛି। ୪ ମାସ ପୂର୍ବରୁ ଏକ ଦୁର୍ଘଟଣାରେ ଏହି ଟ୍ରାଫିକ୍‌ପୋଷ୍ଟଟି ଭାଙ୍ଗି ଯାଇଥିଲା। ଦୀର୍ଘଦିନରେ ପରେ ଏହା ମରାମତି କାମ ଚାଲୁଥିବାବେଳେ ପୁଣି ପୋଷ୍ଟଟି ଭାଙ୍ଗି ଯିବାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ତୁରନ୍ତ ଏଠାରେ ଟ୍ରାଫିକ ସିଗ୍‌ନାଲ ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି।

### ପେଟ୍ରୋଲ ପମ୍ପରୁ ୪୦ ହଜାର ଲୁଟ୍

**ଅନୁଗୋଳ ଅଫିସ/ବନ୍ତଳା, ୮।୧୧:** ଅନୁଗୋଳ ଥାନା ଶରଧାପୁର ପେଟ୍ରୋଲ ପମ୍ପରୁ ମଙ୍ଗଳବାର ରାତି ୧୦ଟାରେ ଲୁଟ୍ ହୋଇଛି। ୩ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ୩ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରି ସେଲ୍ସମ୍ୟାନଙ୍କୁ ଭୁଜାଲି ଦେଖାଇ ଲକରରୁ ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଖବରପାଇ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ଏସ୍‌ଡିପିଓ ହରିହର ପାଣି, ସବିତା ପଣ୍ଡାଙ୍କ ସମେତ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### କର୍ମଚାରୀଙ୍କୁ ଯନ୍ତ୍ରୀଙ୍କ ଦୁର୍ବ୍ୟବହାର ଅଭିଯୋଗ

### ବ୍ଲକ ସମ୍ମୁଖରେ ଧାରଣା

**ଛେଣ୍ଡିପଦା,୮।୧୧(ସ୍ୱ.ପ୍ର)(ଡି.ଏନ.ଏ.):** ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସହକାରୀ ଯନ୍ତ୍ରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ଗୁରୁବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ଧାରଣା ଦେଇଛନ୍ତି। କର୍ମଚାରୀ ଗୋବିନ୍ଦ ଚରଣ ବେହେରାଙ୍କୁ ବୁଧବାର ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ନାଥ ବେହେରା ଗାଳିଗୁଲଜ କରିଥିବା ନେଇ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଯୁଧିଷ୍ଠିର ପ୍ରଧାନ, ବସନ୍ତ ବେହେରା, ଅଲେଖ ଚନ୍ଦ୍ର ସାହୁ, ଗୋବିନ୍ଦ ବେହେରା ପ୍ରମୁଖ ଅଡି ବସିଥିଲେ। ଖବରପାଇ ବିଡିଓ ରୋମାଞ୍ଚଳ ଖମାରି ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଏହି ଅଭିଯୋଗକୁ ଯନ୍ତ୍ରୀ ରବୀନ୍ଦ୍ର ନାଥ ଖଣ୍ଡନ କରିବା ସହ ଗୋବିନ୍ଦଙ୍କୁ ସେ ଆଦୌ ଗାଳି ଗୁଲଜ କରି ନ ଥିବା ପ୍ରକାଶ କରିଛନ୍ତି।

### ପ୍ରେସ୍ ଦିବସ ପାଳନ ପ୍ରସ୍ତୁତି

**ବଅଁରପାଳ,୮।୧୧ (ଡି.ଏନ୍.ଏ):** ଆସନ୍ତା ୧୬ ତାରିଖରେ ପ୍ରେସ ଦିବସ ପାଳନ ପାଇଁ ନାଲକୋ ବଅଁରପାଳ ଖବରଦାତା ସଂଘ ତରଫରୁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଉପେନ୍ଦ୍ର କୁମାର ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଦିବସ ପାଳନ ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକାରୀ ସଭାପତି ସଞ୍ଜୀବ ମାଣ୍ଡୋଠିଆ, ସାଙ୍ଗଠନିକ ସମ୍ପାଦକ ନିରଞ୍ଜନ ନାୟକ, ଗୋବିନ୍ଦ ଚନ୍ଦ୍ର ଟୁଡୁ, ଜଗନ୍ନାଥ ବେହେରା ଓ ସମିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ହାତ ବଢ଼ାଇଲାନି ପ୍ରଶାସନ

# ୪ କିମି କେନାଲ ନିର୍ମାଣ କଲେ ଗ୍ରାମବାସୀ



କେନାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ବଇଣ୍ଡା, ୮।୧୧(ଡି.ଏନ.ଏ.)**

- ■୪ ବର୍ଷର ପରିଶ୍ରମ
- ■୪୫୦ ଏକର ଜମିକୁ ପାଣି ମାଡ଼ିବ
- ■ଉପକୃତ ହେବେ ୫ ଗ୍ରାମର ଚାଷୀ

କୃଷିର ବିକାଶ ପାଇଁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଥିବା ଡିଣ୍ଡିମ ପିଟୁଛନ୍ତି। ହେଲେ କୃଷିବହୁଳ ଅଞ୍ଚଳରେ ଜମିକୁ ପାଣି ନାହିଁ। ଏଥିପାଇଁ ପ୍ରଶାସନକୁ ବାରମ୍ବାର ଅବଗତ ସତ୍ତ୍ୱେ ସମସ୍ୟା ନ ସୁଧୁରିବାରୁ ଶେଷରେ ସମସ୍ୟାକୁ ନିଜେ ସମାଧାନ କରିବାକୁ ଶ୍ରେୟ ମଣିଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକ ଓସ୍କାପାଲି ପଞ୍ଚାୟତ ଡାଲିମୁରା ଗ୍ରାମବାସୀ। ଦୀର୍ଘ ୪ ବର୍ଷର ଅକ୍ଳାନ୍ତ ପରିଶ୍ରମରେ ଗ୍ରାମବାସୀ ୪ କିମି ଦୀର୍ଘର ଏକ କେନାଲ ନିର୍ମାଣ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏଥିସହ ଦୀପାବଳି ଅବସରରେ ଏହି କେନାଲର ଉଦ୍‌ଘାଟନ କରାଯାଇଛି।

ଗ୍ରାମବାସୀ କହିଛନ୍ତି, କିଶୋରନଗର ବ୍ଲକର ଅଧିକାଂଶ ଚାଷୀ ଧାନ ଚାଷ ଉପରେ ନିର୍ଭରଶୀଳ। କିଛି ବର୍ଷ ପୂର୍ବେ ଓସ୍କାପାଲି ପଞ୍ଚାୟତର ଡାଲିମୁରା, ଓସ୍କାପାଲି, ମାଣିକପୁର, ଭରତପୁର, ନବଘନପଡ଼ା ଆଦି ଗ୍ରାମର ଜମିକୁ ଜଳସେଚନ ପାଇଁ ସାହାଜବାହାଳୀ ନାଳକୁ ଡାଲିମୁରା ଠାରେ ବାନ୍ଧି ଏକ ଚେକ ଡ୍ୟାମ ନିର୍ମାଣ କରାଯାଇଥିଲା। ହେଲେ କେନାଲ ନିର୍ମାଣ କରା ନ ଯିବାରୁ ଏହି ଗ୍ରାମର ଚାଷ ଜମିକୁ ପାଣି ମାଡ଼ି ପାରୁ ନ ଥିଲା। ଏ ସମ୍ପର୍କରେ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇବା ସତ୍ତ୍ୱେ ସୁଫଳ ନ ମିଳିବାରୁ ଗ୍ରାମରେ କେନାଲ ନିର୍ମାଣ ପାଇଁ ସେମାନେ ଅଣ୍ଟା ଭିଡିଥିଲେ। ୨୦୧୪ରୁ ଡାଲିମୁରାବାସୀ ଏକଜୁଟ୍ ହୋଇ ବିଭିନ୍ନ ଅନୁଷ୍ଠାନ ତଥା ଗ୍ରାମବାସୀଙ୍କ ସହଯୋଗରେ ଅର୍ଥ ଯୋଗାଡ କରି ଏହି କେନାଲ ନିର୍ମାଣ କରିଛନ୍ତି। ବୁଧବାର ବ୍ଲକ ଅଧକ୍ଷା ବବିତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ବାମୁର ରେଞ୍ଜର ଫରେଷ୍ଟର ଜୟନ୍ତ କୁମାର ଦାସ, ସତ୍ୟାନନ୍ଦ ପ୍ରଧାନ, ଅନ୍ତର୍ଯ୍ୟାମୀ ସାହୁ, ଠଣସୁନ୍ଦର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରୁ ହିଁ ୫ ଗ୍ରାମର ଚାଷ ଜମିକୁ ପାଣି ମଡ଼ାଯାଇଛି। ଏଥିଯୋଗୁ ୫ ଗ୍ରାମର ଚାଷୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

# ନୋ ଏଣ୍ଟ୍ରି ଦାବିରେ ଉପଜିଲାପାଳଙ୍କୁ ଦାବିପତ୍ର



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ତାଳଚେର, ୮।୧୧(ନି.ପ୍ର.)**

କଣିହାଁ ବ୍ଲକ ଡେରଙ୍ଗଠାରୁ ସମଲ-ପାଲଲହଡା ରାସ୍ତାରେ ନୋ ଏଣ୍ଟ୍ରି ଲାଗୁ କରାଯିବାକୁ ବିଜୁ ଯୁବଜନତା ଦଳ ପକ୍ଷରୁ ଉପଜିଲାପାଳଙ୍କ ଠାରେ ଦାବି କରାଯାଇଛି । ଏହି ରାସ୍ତାଦେଇ କଣିହାଁ ଡେରଙ୍ଗ ଆଶପଣ୍ଡରୁ ପ୍ରତ୍ୟେହ ଶହ ଶହ ହାଇୱା ଯୋଗେ ପାଉଁଶ ନିଆଯାଉଛି । ପ୍ରବଳ ମାତ୍ରାରେ ଗାଡିରୁ ଉଡି ପାଉଁଶ ରାସ୍ତାରେ ପଡିବା ସହିତ ଯାତାୟାତ କରୁଥିବା ଜନସାଧାରଣଙ୍କ ଉପରେ ପଡୁଛି । ଫଳରେ ପଥଚାରୀ, ଅଞ୍ଚଳବାସୀ, ଛାତ୍ରୀଛାତ୍ର ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁ ଏନ୍‌ଟିପିସି ବାଇପାସ ଛକରେ ଗୁରୁତର ଟ୍ରାଫିକ ସମସ୍ୟା ଲାଗି ରହୁଛି । ତେଣୁ ଏହି ରାସ୍ତାରେ ସକାଳ ୬ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ନୋ ଏଣ୍ଟ୍ରି ଲାଗୁ କରାଯିବାକୁ ଦଳ ପକ୍ଷରୁ ଦାବି ହୋଇଛି। କଣିହାଁ ବିଜୁ ଯୁବ ଜନତା ଦଳର ସଭାପତି ବିକାଶ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କୁ ଭେଟି ସସମ୍ୟା ସମ୍ପର୍କରେ ଅବଗତ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

# ୬୨୧ ଜଣଙ୍କୁ ଭତ୍ତା ବଣ୍ଟନ

**ଛେଣ୍ଡିପଦା,୮।୧୧(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ଗୁରୁବାର ବ୍ଲକସ୍ତରୀୟ ମଧୁବାବୁ ପେନସନ ଓ ଆର୍ଥିକ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରୋମାଞ୍ଚଳ ଖମାରିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଜିଲାପରିଷଦ ସଦସ୍ୟ ଶ୍ରୀଧର ଗଡନାୟକ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ, ଅଧକ୍ଷା ସୁଷମା ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୨୨ଟି ପଞ୍ଚାୟତର ୬୨୧ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥିଲା। ପର୍ଯ୍ୟାୟକ୍ରମେ ଖୁବଶୀଘ୍ର ବାକିଥିବା ପଞ୍ଚାୟତଗୁଡିକରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯିବ ବୋଲି ପଞ୍ଚାୟତ ଅଧିକାରୀ ପ୍ରକାଶ କରିଛନ୍ତି। ଏଥିସହିତ ପରିବାର ମଙ୍ଗଳ ଯୋଜନାରେ ୪ଟି ପଞ୍ଚାୟତର ୧୨ଜଣଙ୍କୁ ୨୦ହଜାର ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଛେଣ୍ଡିପଦା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନନ୍ଦିରାରେ ଶ୍ୟାମାକାଳୀଙ୍କ ପୂଜା



**ତାଳଚେର, ୮।୧୧(ନି.ପ୍ର.)**

ତାଳଚେରସ୍ଥିତ ଏମ୍‌ସିଏଲ୍ ନନ୍ଦିରା ଓ ନଟରାଜ କଲିୟାରୀର ମିଳିତ ଆନୁକୂଲ୍ୟରେ ନନ୍ଦିରା କାଳୀମଣ୍ଡପ ପଡିଆରେ ମା' ଶ୍ୟାମାକାଳୀଙ୍କ ପୂଜା ଆନନ୍ଦଉଲ୍ଲାସର ସହ ପାଳନ କରାଯାଉଛି। ମଙ୍ଗଳବାର କଳସଯାତ୍ରା, ମା'ଙ୍କ ପ୍ରତିମାରେ ଜୀବନ୍ୟାସ, ଚକ୍ଷୁଦାନ, ମାତୃକା ପୂଜା, ସନ୍ଧି ପୂଜା ଆଦି ବିଧି ଅନୁଯାୟୀ ସମାପନ କରାଯାଇଥିଲା। ଚଳିତ ବର୍ଷ ୮୫ ଫୁଟ ଓସାର ଓ ୭୫ ଫୁଟ୍ ଲମ୍ବ ବିଶିଷ୍ଟ ତୋରଣ ସହ ଅତ୍ୟାଧୁନିକ ଏଲ୍‌ଇଡି ଗେଟ୍ ତଥା ଆଲୋକସଜ୍ଜା ପୂଜାସ୍ଥଳୀକୁ ଅଧିକ ଆକର୍ଷଣୀୟ କରିଛି। ମିନାବଜାର, ବିଭିନ୍ନ ପ୍ରକାର ଦୋଳି, ଫାଷ୍ଟଫୁଡ୍, ଖେଳନା ସହ ଘରକରଣା ଜିନିଷର ଷ୍ଟଲ ପଡିଥିବାରୁ ଅଞ୍ଚଳବାସୀଙ୍କ ଭିଡ ଜମୁଛି। ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ମନୋରଞ୍ଜନ ପାଇଁ ଯାତ୍ରା, ଭଜନ ସନ୍ଧ୍ୟା, ନୃତ୍ୟ ଆଦି ପରିବେଷଣ କରାଯାଉଛି। ଆସନ୍ତା ୧୧ ରେ ଭସାଣି ଉତ୍ସବ ହେବ ବୋଲି ନନ୍ଦିରା କାଳୀ ପୂଜା କମିଟିର ସଭାପତି ଏସ୍. କେ. ମହାନ୍ତି, ସମ୍ପାଦକ ଏମ୍.ଦୁବେ, କାର୍ଯ୍ୟକାରୀ ସମ୍ପାଦକ ଡି.ମହାନ୍ତି ସୂଚନା ଦେଇଛନ୍ତି।

■ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ ବିବାଦ

# ଦୁଇ ଗୋଷ୍ଠୀ ମୁହାଁମୁହିଁ, ରାସ୍ତାରୋକୋ

**ପାଲଲହଡା,୮।୧୧(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡ ସଦର ମହକୁମା ନୋଏଣ୍ଟ୍ରି ଛକଠାରେ ଆଇଓସିଏଲ ପକ୍ଷରୁ ନିର୍ମାଣାଧୀନ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି।

ପାଲଲହଡ଼ା ବିର୍ସାମୁଣ୍ଡା ବିକାଶ ସମିତିର ଅନୁରୋଧକ୍ରମେ ପାଲଲହଡା ନୋ ଏଣ୍ଟ୍ରିଛକ ନିକଟରେ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ପକ୍ଷରୁ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜା କରାଯାଇଥିଲା। ହେଲେ ଉଦିତନଗର ସାହିବାସିନ୍ଦା ଏହାକୁ ବିରୋଧ କରିଥିଲେ। ଏଥିଯୋଗୁ ୨ ଦିନ ହେବ ବିର୍ସାମୁଣ୍ଡା ବିକାଶ ସମିତି ଏବଂ ଉଦିତ୍‌ନଗର ସାହି ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଉପଜିଲାପାଳ ଅଜିତ୍ କୁମାର ପ୍ରଧାନ ଗୁରୁବାର ଉଭୟ ପକ୍ଷକୁ ଡାକି ନିଜ କାର୍ଯ୍ୟାଳୟରେ ସମାଧାନ ପାଇଁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା। ପରେ ଉଦିତନଗର ସାହିର ୫୦ରୁ ଉର୍ଦ୍ଧ୍ୱ ବାସିନ୍ଦା ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ବନ୍ଦ ଦାବିରେ ୪୯ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଅନ୍ୟପଟେ ବିର୍ସାମୁଣ୍ଡା ବିକାଶ ସମିତି ସଦସ୍ୟମାନେ ବିବାଦୀୟ ଜାଗାରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜିଦ ଧରି ବସିଥିଲେ। ଶେଷରେ ପ୍ରଶାସନ ପକ୍ଷରୁ ବୁଝାଶୁଝା କରାଯିବା ପରେ ରାସ୍ତାରୋକୋ ହଟିଥିଲା। ଉପଜିଲାପାଳ କହିଛନ୍ତି, ବିବାଦର ସମାଧାନ ଖୁବଶୀଘ୍ର କରାଯିବ। ଆଗାମୀ ନିଷ୍ପତ୍ତି ପର୍ଯ୍ୟନ୍ତ ସେଠାରେ ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ।



ମହିଳାମାନେ ରାଜପଥ ଅବରୋଧ କରିଛନ୍ତି।

# ମସ୍‌ଜିଦ୍ ପରିସରରେ ଘର ନିର୍ମାଣ ଅଭିଯୋଗ



ଖବରଦାତା ସମ୍ମିଳନୀରେ ମସ୍‌ଜିଦ୍ କମିଟିର କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୮।୧୧**

ଅନୁଗୋଳ ସହରରେ ଥିବା ମସ୍‌ଜିଦ୍‌ର ପାଚେରି ଭିତରେ ବେଆଇନ ଭାବେ ଘର ନିର୍ମାଣ କରାଯାଉଥିବା ନେଇ ମସ୍‌ଜିଦ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। କରଡ଼ାଗାଡ଼ିଆ ଗ୍ରାମର ଜଣେ ବ୍ୟକ୍ତି ଜବରଦସ୍ତ ମହିଳା ମହାବିଦ୍ୟାଳୟ ନିକଟରେ ଏକ ଦୋକାନ ଘର ନିର୍ମାଣ କରିବା ପାଇଁ ଯୋଜନା କରିଛନ୍ତି। ଏଥିପାଇଁ ସେ ଇଟା, ବାଲି ମଧ୍ୟ ପକାଇଛନ୍ତି। ତାଙ୍କୁ ଏ ବିଷୟରେ କମିଟି ପକ୍ଷରୁ ପଚାରିବାରୁ ସେ କର୍ମକର୍ତ୍ତାମାନଙ୍କୁ ଗାଳଗୁଲଜ କରିଥିବା କମିଟି ଅଭିଯୋଗ କରିଛି। ଏଥିସହ ଗତ ୪ ତାରିଖରେ ମସ୍‌ଜିଦ୍ ପଛ ପାଖରେ ଥିବା ଗେଟକୁ ଭାଙ୍ଗି ସେଠାରେ କାମ ଆରମ୍ଭ ମଧ୍ୟ କରାଯାଇଛି। ଏହାକୁ ବିରୋଧ କରିବାରୁ ସମ୍ପୃକ୍ତ ବ୍ୟକ୍ତି ଧମକଚମକ ଦେଇଥିବା ଗୁରୁବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ କମିଟିର ମୁବାରକ୍ ହୁସେନ୍ ଅଭିଯୋଗ ଆଣିଛନ୍ତି।

■ଅଙ୍ଗନୱାଡ଼ି କେନ୍ଦ୍ରକୁ ନିମ୍ନମାନର ଛତୁଆ ଯୋଗାଣ

# ଜିଲାପାଳଙ୍କୁ ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଦାବି

**ଅନୁଗୋଳ ଅଫିସ, ୮।୧୧**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ୨୩ଟି ପଞ୍ଚାୟତର ୧୪୮ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ନିମ୍ନମାନର ଛତୁଆ ଯୋଗାଣ ହେଉଥିବା ନେଇ ଅଞ୍ଚଳବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, କିଶୋରନଗର ସମନ୍ୱିତ ଶିଶୁ ବିକାଶ ଯୋଜନା ଅନ୍ତର୍ଗତ ସିଡିପିଓଙ୍କ ଅଧୀନରେ ଥିବା ଏହି ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକୁ ନିମ୍ନମାନର ଛତୁଆ, ଅଣ୍ଡା ଯୋଗାଣ ହେଉଛି। ସଞ୍ଜାମୁରା ଓ ହଣ୍ଡପାଠାରେ ଥିବା ୨ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏସ୍‌ଜି) ମାଧ୍ୟମରେ ଛତୁଆ ପ୍ରସ୍ତୁତ କରାଯାଇ ଯୋଗାଯାଉଥିବା ପଞ୍ଚାୟତବାସୀ ପ୍ରକାଶ କରିଛନ୍ତି। ଶିଶୁଙ୍କ ସମେତ ଗର୍ଭବତୀମାନେ ଏହି ଛତୁଆ ଖାଉଥିବାରୁ ଏହାର ମାନ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଗତ ଅକ୍ଟୋବର ୨୬ରେ ଜିଲା ଏସ୍‌ପିଙ୍କ ତତ୍ତ୍ୱାବଧାନରେ ହଣ୍ଡପା ଓଁ ଶାନ୍ତି ଏସ୍‌ଏସ୍‌ଜି ଛତୁଆ ପ୍ରସ୍ତୁତି କେନ୍ଦ୍ର ଉପରେ ହଣ୍ଡପା ପୋଲିସ ଚଢ଼ାଉ କରି ଏକ ପିକ୍‌ଅପ୍ ଭ୍ୟାନ ସହ ୫୬ ବସ୍ତା ସରକାରୀ ଗହମ (ପିଡ଼ିଏସ୍)କୁ ଜବତ କରିଥିଲା। ଏ ନେଇ ନଂ. ୧୬୬/୧୮ ରେ ମାମଲା ରୁଜୁ ସହ ପୋଲିସ ଭ୍ୟାନ ମାଲିକ ଶୁଭ୍ରାଂଶୁ ସାହୁ ଓ ଚାଳକ ରାଜେନ୍ଦ୍ର ବେହେରା ଏବଂ ଓଁ ଶାନ୍ତି ଏସ୍‌ଏସ୍‌ଜିର ପରିଚାଳକ ସମୀର ସାହୁଙ୍କୁ ଗିରଫ କରିଥିଲା। ଘଟଣାରେ ଉକ୍ତ ଏସ୍‌ଏସ୍‌ଜିର ସଭାନେତ୍ରୀ, ସମ୍ପୃକ୍ତ ଅଟା ବେପାରୀଙ୍କୁ ମଧ୍ୟ ଗିରଫ ପାଇଁ ଅଜିତ କୁମାର ପଟ୍ଟନାୟକ, ଜିତେନ୍ଦ୍ର ମାଝି, ଅରବିନ୍ଦ ପ୍ରଧାନ, ବ୍ରଜବନ୍ଧୁ ବେହେରା, ରଞ୍ଜନ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

# କ୍ୟାନ୍‌ସର ନିରାକରଣ ଉପରେ ସଚେତନତା

**ତାଳଚେର, ୮।୧୧(ନି.ପ୍ର)**

ଏନ୍‌ସିସି କ୍ୟାଡେଟ୍ସମାଙ୍କ ଦ୍ୱାରା ଗୁରୁବାର ଏକ କ୍ୟାନ୍‌ସର ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କ୍ୟାଡେଟ୍ସମାନେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିବା ସହିତ ଜନସାଧାରଣଙ୍କୁ କ୍ୟାନସରର କାରଣ ଓ ନିରାକରଣ ସମ୍ପର୍କରେ ଅବଗତ କରାଇ ଥିଲେ। ୧୨ ଓଡ଼ିଶା ବାଟାଲିୟନର କମାଣ୍ଡିଙ୍ଗ ଅଫିସର ଭାସ୍କର ଜ୍ୟୋତି, ତାଳଚେର କଲେଜର ଏନ୍‌ସିସି ଅଫିସର ସୁବ୍ରତ ଦାସ, ଯୁବରାଜ ହାଇସ୍କୁଲରର ସଦାନନ୍ଦ ପଣ୍ଡା, ବ୍ରାହ୍ମଣୀ ସରସ୍ୱତୀ ଶିଶୁମନ୍ଦିରର ରାଜେଶ ଦେହୁରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

■ଏନ୍‌ଟିପିସିର ୪୪ ତମ ପ୍ରତିଷ୍ଠା ଦିବସ ପାଳିତ

# 'ଲୋଡ୍ ଫ୍ୟାକ୍ଟରରେ ୭୮% ବିଦ୍ୟୁତ୍ ଉତ୍ପାଦିତ'



ଏନ୍‌ଟିପିସି ପକ୍ଷରୁ ପ୍ରକଳ୍ପର ପ୍ରତିଷ୍ଠା ଦିବସ ପାଳନ କରାଯାଉଛି।



ଏନ୍‌ଟିପିସି ପ୍ରତିଷ୍ଠା ଦିବସରେ ତାଳଚେର ଥର୍ମାଲ (ଟିଟିପିଏସ) ପକ୍ଷରୁ ଜେନେରାଲ ମ୍ୟାନେଜର ମିଥିଳେଶ ସିଂ ଅନ୍ୟମାନଙ୍କ ସହ କେକ କାଟି ଉତ୍ସବ ଶୁଭାରମ୍ଭ କରୁଛନ୍ତି।

**ତାଳଚେର, ୮।୧୧(ନି.ପ୍ର)**

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ପ୍ରକଳ୍ପର ୪୪ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପ୍ରକଳ୍ପ ମୁଖ୍ୟ ମହାପ୍ରବନ୍ଧକ ସନ୍ତୋଷ ଜେମସ ଯୋଗଦେଇ ଏନଟିପିସି ପତକା ଉତ୍ତୋଳନ କରିବା ସହିତ ଉଦ୍‌ବୋଧନ ଦେଇଥିଲେ। ୧୯୭୫ରେ ପ୍ରତିଷ୍ଠା ଲାଭ କରିଥିବା ଏନ୍‌ଟିପିସିର ୫୨,୯୪୬ ମେଗାୱାଟର ୫୦ଟି ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟକ୍ଷମ ଅଛି ବୋଲି ଜେମ୍‌ସ ସୂଚନା ଦେଇଥିଲେ। ସେ ଏନ୍‌ଟିପିସିର ସଫଳତା ବର୍ଣ୍ଣନା କରିବା ସହ ନଭେମ୍ବର ୪ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ୧୨୩୪୨.୨୬ ମିଲିୟନ ୟୁନିଟ ବିଦ୍ୟୁତ ଉତ୍ପାଦନ କରିଛି । ଯାହା ପ୍ଲାଂଟ ଲୋଡ ଫ୍ୟାକ୍ଟରର ୭୮.୬୩ ପ୍ରତିଶତ ଅଟେ ବୋଲି ଜେମ୍‌ସ ପ୍ରକାଶ କରିଥିଲେ। ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ଏହି ପ୍ରକଳ୍ପ ଉନ୍ନତମାନର କୋଇଲା ଚାହିଦା କରୁଛି । ସିଏସଆର ଯୋଜନାରେ ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡିକରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାମ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏଥିସହ ସସସ୍ତ କର୍ମଚାରୀ ନିଷ୍ଠାର ସହ କାମ କରବାକୁ ମୁଖ୍ୟ ମହାପ୍ରବନ୍ଧକ ଆହ୍ୱାନ ଦେଇଥିଲେ । ବରିଷ୍ଠ ପଦାଧିକାରୀ, ସାଗରିକା ମହିଳା କ୍ଲବର ସଦସ୍ୟା, ସିଆଇଏସଏଫ, ସ୍କୁଲ ଛାତ୍ରୀଛାତ୍ର, ୟୁନିୟନ ପ୍ରତିନିଧିଗଣ ଏଥିରେ ଯୋଗ ଦେଇଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ଶୁକ୍ରବାର, ନଭେମ୍ବର ୯ /୨୦୧୮ Dhenkanal-Angul, Friday, November 9 / 2018

## ସଂକ୍ଷେପରେ

### ସମ୍ବର୍ଦ୍ଧିତ ହେଲେ କୃତୀ ଛାତ୍ରୀଛାତ୍ର

**ସାତମାଇଲ, ୮।୧୧(ଡି.ଏନ.ଏ.):**ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ହିନ୍ଦୋଳ ବ୍ଲକ ଖଜୁରିଆକଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ଅଭିରାମ ସାହୁ, ଉପସଭାପତି ପ୍ରକାଶ ଦାଶ, ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ସହ ସମ୍ପାଦକ ବିମଳ ପ୍ରଧାନ, କୋଷାଧ୍ୟକ୍ଷ ଅଥୟ ସାମଲ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଚନ୍ଦ୍ରକାନ୍ତ ସାମଲ, ଜ୍ୟୋତିରାଦିତ୍ୟ ପୃଷ୍ଟି, ସୁଦୀପ୍ତା ପତି, ଜ୍ଞାନେନ୍ଦ୍ର ସାମଲ, ସୁଚୀସ୍ମିତା ସାମଲ, ସଙ୍ଗୀତା ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପୃକ୍ତ ଛାତ୍ରୀଛାତ୍ରମାନେ କ୍ରୀଡ଼ା, ବିଜ୍ଞାନ, ସାହିତ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଛନ୍ତି। ଅତିଥିମାନେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଓଡ଼ିଏଫ୍ କ୍ୟାମ୍ପରେ ପରିମଳ ସଚେତନତା

**ଅନୁଗୋଳ ଅଫିସ, ୮।୧୧:**ଅନୁଗୋଳ ପୌର ପରିଷଦ ବିଜୁ ଯୁବ ବାହିନୀ କ୍ଲବିଂ-୮ ତରଫରୁ ଓଡ଼ିଏଫ୍ କ୍ୟାମ୍ପ ଗୁରୁବାର ସ୍ଥାନୀୟ ରାଧାରମଣପଡ଼ା ଓ ହାକିମପଡ଼ା ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। କ୍ୟାମ୍ପ୍‌କୁ ବିଜୁ ଯୁବ ବାହିନୀର ସଭାପତି ଅବିନାଶ ପରିଡ଼ା, ସମ୍ପାଦିକା ସାଗରିକା ସାହୁ, କୋଷାଧ୍ୟକ୍ଷ ଗଣେଶ୍ୱର ନାଏକ ପ୍ରମୁଖ ପରିଚାଳନା କରିଥିଲେ। ପାଇଖାନା ବ୍ୟବହାର ସହ ପରିବେଶ ସ୍ୱଚ୍ଛ ରଖିବା ଉପରେ ଯୁବ ବାହିନୀର ସଦସ୍ୟମାନେ ବୁଝାଇଥିଲେ। କ୍ୟାମ୍ପ୍‌ରେ ଶିକ୍ଷାଞ୍ଚଳ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଯୁବ ବାହିନୀ ସଦସ୍ୟ ଅମରେନ୍ଦ୍ର ସାମଲ, ସୌମ୍ୟରଞ୍ଜନ ସାମଲ, ଭବାନୀ ପ୍ରଧାନ, ଲୋନି ପରିଡ଼ା, ମନୋଜ ନାୟକ, ସିଦ୍ଧାନ୍ତ ସାହୁ, ଦେବାଶିଷ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ବାହିନୀ ଜିଲା ସଂଯୋଜକ ଗଣେଶ୍ୱର ପ୍ରଧାନ ଓ ପୌର ପରିଷଦର ସଂଯୋଜକ ଶ୍ୱେତାଲିନ୍ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ହାକିମପଡାରେ ବିଜୁ ଯୁବ ବାହିନୀ କ୍ଲବିଂ-୪ ତରଫରୁ ପରିମଳ ବ୍ୟବସ୍ଥା ଉପରେ ସଚେତନ କରାଯାଇଥିଲା। ସଭାପତି ସାଗରିକା ମହାପାତ୍ର, ସମ୍ପାଦକ ମନୋଜ କୁମାର ନାଏକ, କୋଷାଧ୍ୟକ୍ଷ ରାଜେଶ କୁମାର ପ୍ରଧାନ, ନିଳାଦ୍ରୀ ବିହାରୀ ମହାପାତ୍ର, ସମୀର ସିଂଦେଓ, ଦୁଷ୍ମନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଢେଙ୍କାନାଳରେ ଖାଦ୍ୟ କମିଶନର

# ‘ମହ୍ଲାରଙ୍କ ଘର ନିର୍ମାଣ ତୁରନ୍ତ ସାର’

**ଢେଙ୍କାନାଳ ଅଫିସ, ୮।୧୧**

ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନର ରଙ୍ଗଲାଲ ଜାମୁଡା ଗୁରୁବାର ଢେଙ୍କାନାଳ ଗସ୍ତରେ ଆସି ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ସଦର ଏବଂ ଗଁଦିଆ ବ୍ଲକ ଅଞ୍ଚଳ ପରିଦର୍ଶନ କରିଥିଲେ।

କମିଶନର ସନସାଇଲୋ ଗ୍ରାମ ସେବାଶ୍ରମ ବିଦ୍ୟାଳୟ, ଛାତ୍ରାବାସ, ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିସହ ଗ୍ରାମର ହିତାଧିକାରୀଙ୍କ ସହ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଗଁଦିଆ ବ୍ଲକର ବଣିଆ ଏବଂ ତୋଟାପଡ଼ା ଗ୍ରାମ ଗସ୍ତରେ ଯାଇଥିଲେ। ବଣିଆରେ ବାସହରା ମହ୍ଲାର ପରିବାରଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି କି ନାହିଁ ସେ ନେଇ ଅନୁଧ୍ୟାନ କରିଥିଲେ। ସେମାନଙ୍କୁ ମଞ୍ଜୁର ହୋଇଥିବା ବାସଗୃହ କାର୍ଯ୍ୟ ତୁରନ୍ତ ସାରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। କମିଶନରଙ୍କ ଗସ୍ତ ସମୟରେ ଉପଜିଲାପାଳ ପୀତାମ୍ବର ସାମଲ, ତହସିଲଦାର ଉଦୟନାଥ ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ମାନସ ମିଶ୍ର, ଯୋଗାଣ ଅଧିକାରୀ ହାଡ଼ିବନ୍ଧୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।


ସନସାଇଲୋ ସେବାଶ୍ରମ ସ୍କୁଲରେ କମିଶନର ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।



ଧାରଣାରତ ଗ୍ରାମବାସୀ।

## ହାତୀ ଦୌରାତ୍ମ୍ୟ: ଗର୍ଜିଲେ କ୍ଷତିଗ୍ରସ୍ତ

**ଢେଙ୍କାନାଳ ଅଫିସ, ୮।୧୧**

ଢେଙ୍କାନାଳ ଜିଲାର ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ହାତୀପଲ ଦୌରାତ୍ମ୍ୟରେ ଚାଷ ଉଜୁଡ଼ିଗଲାଣି। ଚାଷୀଙ୍କ ଆର୍ଥିକସ୍ଥିତି ଶୋଚନୀୟ ହୋଇପଡ଼ିଛି। ବନ ବିଭାଗ, ହାତୀ ଘଉଡ଼ାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସବୁଆଡୁ ନିରାଶ ହେବାପରେ କ୍ଷତିଗ୍ରସ୍ତ ବାଛିଛନ୍ତି ଆନ୍ଦୋଳନାତ୍ମକ ପନ୍ଥା। ଜୀବନ ଜୀବିକା ସୁରକ୍ଷା କମିଟି ମାଧ୍ୟମରେ ୭ଦଫା ଦାବି ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ପ୍ରତିବାଦ କରିଛନ୍ତି।

ହାତୀ ସମେତ ଅନ୍ୟ ବନ୍ୟଜନ୍ତୁଙ୍କ ଦୌରାତ୍ମ୍ୟ ରୋକିବା, କ୍ଷତିଗ୍ରସ୍ତ ହୋଇଥିବା ଚାଷକୁ ଏକର ପିଛା ୪୦ ହଜାର ଟଙ୍କା, ପରିବା ଓ ଆଖୁ ଚାଷ ଲାଗି ୧ଲକ୍ଷ, ହାତୀ ଆକ୍ରମଣରେ ମଣିଷ ମୃତ୍ୟୁରେ ୪୦ ଲକ୍ଷ, ମୃତ ଗୋରୁ ବାବଦକୁ ୬୦ ହଜାର ଟଙ୍କା କ୍ଷତିପୂରଣ, ଘର ଭାଙ୍ଗିଲେ ନୂତନ ଗୃହ, ଫସଲ ସୁରକ୍ଷା ପାଇଁ ଗ୍ରାମରୁ ୧୫ଜଣ ଯୁବକଙ୍କୁ ତାଲିମ ଦେବା ଆଦି ଦାବିରେ ଧାରଣା ଦିଆଯାଇଥିଲା।

ଟାଉନ ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ପରେ ଚାଷୀଙ୍କ ପ୍ରତିନିଧି ଦଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ଓଡ଼ାପଡ଼ା ବ୍ଲକର ଲକ୍ଷ୍ମଣ କବି, ନରୋତ୍ତମ ଖଟୁଆ, ରୋହିତ ମହାକୁଡ, ବୀରବର ମଲ୍ଲିକ, ପ୍ରଭାକର ଦେହୁରୀ, ହରମୋହନ ଦେହୁରୀ, ରାୟବାହାଦୁର ବେହେରା, ବୈରାଗୀ ମହାକୁଡ, ହିନ୍ଦୋଳ ବ୍ଲକ ସୋରଡ ଗ୍ରାମର ଗଙ୍ଗାଧର ନାୟକ, ମାଧବ ଚନ୍ଦ୍ର ବରାଳଙ୍କ ସମେତ ବହୁ ଗ୍ରାମବାସୀ ଧାରଣାରେ ସାମିଲ ହୋଇଥିଲେ।

# ସମସ୍ୟା ବୁଝିଲେ ଜିଲାପାଳ


୯ନଂ. ୱାର୍ଡର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଜିଲାପାଳ ନିଖିଲ ପୱନ କଲ୍ୟାଣ ଆଲୋଚନା କରୁଛନ୍ତି।

**ଢେଙ୍କାନାଳ ଅଫିସ, ୮।୧୧**

ଢେଙ୍କାନାଳ ଜିଲା ନିଖିଲ ପୱନ କଲ୍ୟାଣ ଗୁରୁବାର ପୌରାଞ୍ଚଳର ୯ନଂ. ୱାର୍ଡ ପରିଦର୍ଶନ କରି ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି। ଏହି ଅବସରରେ ବନମାଳୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗ୍ରାମ ରାସ୍ତା, ପୋଖରୀ ବୁଲି ଦେଖିଥିଲେ। ବର୍ଷା ହେଲେ ରାସ୍ତା ଉପରେ ପାଣି ସୁଅ ଛୁଟୁଛି। ଘରେ ପାଣି ପଶୁଛି। ଏହାର ପ୍ରତିକାର କରିବା ସମ୍ପର୍କରେ ସେ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଡ୍ରେନେଜ୍ ବ୍ୟବସ୍ଥା, ପାନୀୟ ଜଳ ସମସ୍ୟାର ସମାଧାନ, ବିଦ୍ୟୁତ୍ ସମସ୍ୟା ସୁଧାରିବାକୁ ନୂତନ ଟ୍ରାନ୍ସଫର୍ମର ସ୍ଥାପନ, ଅଧିକ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ଅତିରିକ୍ତ ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ସେ ଗୁରୁତ୍ୱ ଦେଇଛନ୍ତି। ଜିଲାପାଳ ଅଞ୍ଚଳର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଗୃହ ଦେଖିଥିଲେ। ଏଥିସହ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରସଂସ୍ଥା ଯନ୍ତ୍ରୀ ରଶ୍ମିତା ମିଶ୍ର, କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମୀଶ୍ରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଆକ୍ରମଣ ଅଭିଯୋଗ

**ଛେଣ୍ଡିପଦା,୮।୧୧(ସ୍ୱ.ପ୍ର)**

ଛେଣ୍ଡିପଦା ଥାନା ପିପଳବାହାଳ ଗ୍ରାମର ଦିଲୀପ ନାଏକଙ୍କ ସ୍ତ୍ରୀଙ୍କୁ କେତେଜଣ ଯୁବକ ଆକ୍ରମଣ କରିଥିବା ନେଇ ଦିଲୀପ ଛେଣ୍ଡିପଦା ଥାନାରେ ଅଭିଯୋଗ କରିଛନ୍ତି। ଦିଲୀପ ବୁଧବାର ଛେଣ୍ଡିପଦାରେ ଥିବାବେଳେ ରାତି ୧୦ଟାରେ ଗ୍ରାମର ପଞ୍ଚୁ ନାଏକ, ହେମନ୍ତ ନାଏକ ଓ ବରମଳିହାସାହିର ଲିପୁ ନାଏକଙ୍କ ସମେତ ୧୫ଜଣ ଯୁବକ ତାଙ୍କ ଘରକୁ ଆସି ଗଣ୍ଡଗୋଳ କରିବାସହ ବାସନ୍ତୀଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ନଂ. ୩୧୬/୧୮ରେ ମାମଲା ରୁଜୁ ହୋଇଛି।

## ଫସଲ ବୀମା ପ୍ରଦାନ ଦାବିରେ ଧାରଣା

**କଣିହାଁ, ୮।୧୧(ଡି.ଏନ.ଏ.)**

କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତର ଚାଷୀମାନେ ୨୦୧୬-୧୭ ଆର୍ଥିକ ବର୍ଷର ଧାନ ଚାଷ କ୍ଷୟକ୍ଷତି ଫସଲ ବୀମା ପ୍ରଦାନ ଓ ଅନ୍ୟାନ୍ୟ ଦାବିରେ ଗୁରୁବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ୧୪ଟି ଗ୍ରାମର କ୍ଷତିଗ୍ରସ୍ତ ଚାଷୀ ଧାରଣା ଦେବା ସହ ଅପରାହ୍ନରେ ତହସିଲଦାର ଅଶୁଂମାନ ଶତପଥୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତହସିଲଦାର ଦାବିପତ୍ର ଗ୍ରହଣ କରି ନ୍ୟାୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣାରେ ଭାଜପା ନେତା ଅଶୋକ ମହାନ୍ତି, ବ୍ଲକ ଅଧ୍ୟକ୍ଷା ନମିତା ସାହୁ ପ୍ରମୁଖ ସାମିଲ ହୋଇଥିଲେ। ପଞ୍ଚାୟତର ଚାଷୀ ସଙ୍ଗଠନ ସଦସ୍ୟ ଜଗଜୀବନ ପ୍ରଧାନ, ଅନ୍ତର୍ଯ୍ୟାମୀ ମହାରଣା, ପ୍ରଶାନ୍ତ ମହାନ୍ତି ଓ କଳାକର ପ୍ରଧାନ କହିଛନ୍ତି, ୨୦୧୬-୧୭ ଆର୍ଥିକ ବର୍ଷରେ ଶାରଦ ୨/୩ କିସମର ଜମିରେ ମରୁଡ଼ି ଯୋଗୁ ଧାନ ଫସଲ ଉପୁଡ଼ି ଯାଇଥିଲା। କ୍ଷୟକ୍ଷତି ଆକଳନ ସର୍ବେକ୍ଷଣକୁ ନେଇ ଇନପୁଟ୍ ସବ୍‌ସିଡି ପାଇଥିଲୁ। କୃଷିଋଣ ଓ ବୀମା ଯୋଜନାକୁ ନେଇ ବୁରୁକୁନା ସେବା ସମବାୟ ସମିତି ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ତ୍ରୁଟି ଯୋଗୁ ସହାୟତା ଅର୍ଥ ପାଇନାହୁଁ। ସମାଧାନ ପାଇଁ ପ୍ରତିଶ୍ରୁତି ମିଳିଛି। ବିଳମ୍ବ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଏକାଠି ହେଲେ ପୁରାତନ ଛାତ୍ରୀଛାତ୍ର

# ସଫେଇ କଲେ, ସଚେତନତା ବାଣ୍ଟିଲେ

**ଢେଙ୍କାନାଳ ଅଫିସ, ୮।୧୧**

ଦୀପାବଳିରେ ଏକାଠି ହୋଇଥିଲେ କାମାକ୍ଷାନଗର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର। ଏହି ଅବସରରେ ସେମାନେ ଗ୍ରାମ ପରିସରରେ ସଫେଇ କରିବା ସହ ବାଣ୍ଟିଥିଲେ ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ବାର୍ତ୍ତା।



ପୂର୍ବ ନିଷ୍ପତ୍ତି ଅନୁଯାୟୀ ସକାଳ ସାଢ଼େ ୭ଟାରେ ସ୍କୁଲ ପରିସରରେ ମିଳିତ ହୋଇଥିଲେ ପୁରାତନ ଛାତ୍ରୀଛାତ୍ର। ଜାତୀୟ ସଙ୍ଗୀତ ଗାନ କରାଯିବା ପରେ ଜଗନ୍ନାଥପୁର ଓ ମାଣିତ୍ରୀ ଗ୍ରାମରେ ସଫେଇ କରାଯାଇଥିଲା। ବ୍ୟାନର, ଲିଫଲେଟ୍, ପ୍ଲାକାର୍ଡ ଧରି ସଚେତନତା ସୃଷ୍ଟି କରିବା ସହ ଗୀତଗାଇ ଅଭିନବ ଉପାୟରେ ଲୋକଙ୍କୁ ବାଣ୍ଟିଥିଲେ ସ୍ୱଚ୍ଛତା ବାର୍ତ୍ତା। ଏହି ଅବସରରେ ନାଳ, ନର୍ଦ୍ଦମା, କୂଅ, ପୋଖରୀ, ନଳକୂପ ଚତୁଃପାର୍ଶ୍ୱ ଓ ଜଳାଶୟ ସଫା କରାଯାଇଥିଲା। ଗ୍ରାମକୁ ପରିଚ୍ଛନ୍ନ ରଖିବା ସହିତ ପିଲାଙ୍କୁ ବିଦ୍ୟାଳୟ ମୁହାଁ କରାଇବାକୁ ଅଭିଭାବକଙ୍କୁ ପରାମର୍ଶ ଦିଆଯାଇଥିଲା।

ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାୟକ, ପୁରାତନ ଛାତ୍ରୀଛାତ୍ର ସଂଘ ସଭାପତି ବିଭୂତି ଖଟୁଆ, ସମରେନ୍ଦ୍ର ଖଟୁଆ, ଦୁର୍ଯ୍ୟୋଧନ ନାୟକ, ବିପ୍ଲବ ବେହେରା, ସବୁଜ ଭୂତିଆ, ସ୍ମୃତିରଞ୍ଜନ ପରିଡ଼ା, ଶିଶିର ବେହେରା, ସଂଗ୍ରାମ ବେହେରା, ପ୍ରଦ୍ୟୁମ୍ନ ଖୁଣ୍ଟିଆ, ସରୋଜ ଭୂତିଆ ପ୍ରମୁଖ ସଫେଇ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଡିସେମ୍ବର ୨୫ରେ ମେଗା ରକ୍ତଦାନ ଶିବିର ଆୟୋଜିତ ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ଫଟୋରେ ଖବର


ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି ବଅଁରପାଳ ନାଲ୍‌କୋ କାଳୀପୂଜା ଭସାଣି। ଏହି ଅବସରରେ ମା'ଙ୍କୁ ବିସର୍ଜନ ପାଇଁ ନିଆଯାଉଛି।


ଅନୁଗୋଳ ବସ୍‌ଷ୍ଟାଣ୍ଡରେ ପୂଜା ପାଉଥିବା ମା' କାଳୀଙ୍କ ମୃଣ୍ମୟୀ ପ୍ରତିମା।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ